# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 12 May - 2026

****************************************

## ମୁଖ୍ୟ ସମ୍ବାଦ

- ଜାତୀୟ ଶିକ୍ଷାନୀତି ୨୦୨୦ରେ ମାତୃଭାଷା, ଭାରତୀୟ ଜ୍ଞାନ ପରମ୍ପରା ଏବଂ ନବସୃଜନକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ନିଟ୍ ୟୁଜି ସାନି ପରୀକ୍ଷାର ତାରିଖ ଆଗାମୀ ୧୦ ଦିନ ମଧ୍ୟରେ ଘୋଷଣା କରାଯିବା ନେଇ ଏନ୍‌ଟିଏ ମହାନିର୍ଦ୍ଦେଶକଙ୍କ ସୂଚନା
- ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଉତ୍କର୍ଷତା ପାଇଁ ଜାତୀୟ ସ୍ତରରେ ଓଡ଼ିଶା ପୁରସ୍କୃତ

ଏବଂ

- ରାଜ୍ୟଗୋଷ୍ଠୀ କ୍ରୀଡା ୨୦୩୦ ପୂର୍ବରୁ ଦେଶବ୍ୟାପୀ ଆରମ୍ଭ ହୋଇଛି ଜନସଂପୃକ୍ତି ଅଭିଯାନ

# ଧର୍ମେନ୍ଦ୍ର ପ୍ରଧାନ

ଜାତୀୟ ଶିକ୍ଷାନୀତି ୨୦୨୦ ମାଧ୍ୟମରେ ସରକାର ମାତୃଭାଷା, ଭାରତୀୟ ଜ୍ଞାନ ପରମ୍ପରା ଓ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଗବେଷଣା ଏବଂ ନବସୃଜନକୁ ନିରନ୍ତର ପ୍ରୋତ୍ସାହନ ଦେଉଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ-ଆଇସିଏସ୍‌ଏସ୍‌ଆରର ୫୮ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ମାନବ ସଭ୍ୟତାକୁ ବୁଝିବା ପାଇଁ ଭାରତ ଏକ ଜୀବନ୍ତ ପ୍ରୟୋଗଶାଳା। ଦେଶରେ ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ସାମାଜିକ ଚେତନା ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ଜଡିତ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ସୋମନାଥ ମନ୍ଦିରର ପୁନଃନିର୍ମାଣର ୭୫ ବର୍ଷ ଦେଶର ସାଂସ୍କୃତିକ ପୁନଃଜାଗରଣର ପ୍ରତୀକ। ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ଦେଶର ହଜାରେ ବର୍ଷର ଇତିହାସ, ସଂଘର୍ଷ ଏବଂ ସାଂସ୍କୃତିକ ଚେତନାକୁ ଆଗକୁ ନେଇ ଅଗ୍ରସର ହେବାକୁ ପଡିବ। ନୂଆଦିଲ୍ଲୀରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଭାରତର ଶିକ୍ଷା ବ୍ୟବସ୍ଥା ବିଶ୍ୱର ସବୁଠାରୁ ସୁଦୃଢ଼ ବ୍ୟବସ୍ଥା। ଜାତୀୟ ଶିକ୍ଷାନୀତି ଅନୁଯାୟୀ, ଦୃଢ଼ କ୍ରେଡିଟ୍ ବ୍ୟବସ୍ଥାର ବିକାଶ କରାଯିବ। ଛାତ୍ରଛାତ୍ରୀମାନଙ୍କୁ ସୁଯୋଗ ପ୍ରଦାନ ପାଇଁ ଇଣ୍ଟର୍ଣ୍ଣସିପ୍ ଏବଂ ଆପ୍ରେନ୍‌ଟିସ୍‌ସିପ୍‌କୁ କ୍ରେଡିଟ୍ ବ୍ୟବସ୍ଥାରେ ସାମିଲ କରାଯିବ। ଦେଶରେ ପ୍ରାୟ ୧୫ ଲକ୍ଷ ବିଦ୍ୟାଳୟ ମଧ୍ୟରୁ

୧୦ ଲକ୍ଷ ସରକାରୀ ବିଦ୍ୟାଳୟ। ଦେଶର ମୋଟ ଘରୋଇ ଉତ୍ପାଦ-ଜିଡିପିର ପ୍ରାୟ ୪ ପ୍ରତିଶତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି....

**- V/O –**

## ନିଟ୍ ବାତିଲ

ସ୍ନାତକ ଡାକ୍ତରୀ ପରୀକ୍ଷାରେ ପ୍ରବେଶ ପାଇଁ ଅନୁଷ୍ଠିତ ନିଟ୍-ୟୁଜି ୨୦୨୬ ପରୀକ୍ଷାକୁ ବାତିଲ କରାଯାଇଛି। ନୂତନ ପରୀକ୍ଷା ତାରିଖ ୧୦ ଦିନ ମଧ୍ୟରେ ଘୋଷଣା କରାଯିବ ବୋଲି ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏର ମହାନିର୍ଦ୍ଦେଶକ ଅଭିଷେକ ସିଂ କହିଛନ୍ତି। ପରୀକ୍ଷାରେ ମିଳୁଥିବା ଯେକୌଣସି ଛୋଟ ଅନିୟମିତତାକୁ ଗମ୍ଭୀର ଭାବେ ବିବେଚନା କରାଯିବ ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି। ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ବିଚାରକୁ ନେଇ ଶୂନ୍ୟ ସହନଶୀଳତା ନୀତି ଗ୍ରହଣା କରାଯାଇଛି। ଆଗାମୀ ଦିନରେ ସଂପୂର୍ଣ୍ଣ ସ୍ୱଚ୍ଛତାର ସହିତ ପରୀକ୍ଷା ପରିଚାଳନା କରାଯିବ ବୋଲି ଶ୍ରୀ ସିଂ କହିଛନ୍ତି......

**- V/O -**

ଏନ୍‌ଟିଏ ପକ୍ଷରୁ ଏହି ପରୀକ୍ଷା ଗତ ୩ ତାରିଖରେ ଦେଶବ୍ୟାପୀ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା।  ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇ ଦ୍ୱାରା ଅଭିଯୋଗର ତଦନ୍ତ କରାଯିବା

ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପୁନଃ ପରୀକ୍ଷା ପାଇଁ ନୂତନ ପଞ୍ଜୀକରଣ କିମ୍ବା ଅତିରିକ୍ତ ପରୀକ୍ଷା ଦେୟ ଦେବାକୁ ପଡିବ ନାହିଁ ବୋଲି ଏନ୍‌ଟିଏ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ।

# ରତ୍ନଭଣ୍ଡାର-ଗଣତି ମଣତି

ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତିମଣତି ଆଜି ମଧ୍ୟାହ୍ନ ଧୂପ ପରେ ପୁଣି ଥରେ ଆରମ୍ଭ ହୋଇଛି । ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ, ସମ୍ପୃକ୍ତ ପ୍ରାଧୀକୃତ ଦଳ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ । ଗଣତିମଣତି ସମୟରେ ବାହାର କାଠ ନିକଟରୁ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ କରୁଛନ୍ତି । ଭିତର ରତ୍ନଭଣ୍ଡାରର ପ୍ରତିଟି ଅଳଙ୍କାରକୁ ୧୯୭୮ ମସିହା ତାଲିକା ଅନୁଯାୟୀ ମେଳକ କରାଯାଉଛି ।

ଗତକାଲିଠାରୁ ଆରମ୍ଭ ହୋଇଥିବା ଗଣତିମଣତି କାର୍ଯ୍ୟ ଚଳିତମାସରେ ୯ ଦିନ ଧରି ଚାଲିବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଚଳିତମାସରେ ଅନ୍ୟ ଦିନଗୁଡ଼ିକରେ ହେବାକୁ ଥିବା ଗଣତି ମଣତି ସମ୍ପର୍କରେ ସୂଚନା ଦେଇଛନ୍ତି ।

## ଗ୍ରାମ୍ୟ ସଡକ ଯୋଜନା-ଓଡ଼ିଶା

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଉତ୍କର୍ଷତା ପାଇଁ ଓଡ଼ିଶାକୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି । ଯୋଜନାର ରଜକ ଜୟନ୍ତୀ ଅବସରରେ ରାଜ୍ୟକୁ 'ସର୍ବାଧିକ ଜନବସତି ସଂଯୋଗୀକରଣ' ବର୍ଗରେ ଏହି ପୁରସ୍କାର ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ

କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ଏବଂ କେନ୍ଦ୍ର ସରକାରଙ୍କ ନିରନ୍ତର ସହଯୋଗ ପାଇଁ ଓଡ଼ିଶା ଗ୍ରାମୀଣ ଭିତ୍ତିଭୂମି କ୍ଷେତ୍ରରେ ଏହି ସଫଳତା ହାସଲ କରିଛି। କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ମାଧ୍ୟମରେ ରାଜ୍ୟର ପ୍ରତିଟି ଅଂଚଳକୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ପୁରସ୍କାର ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଏବଂ କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱିତ ଉଦ୍ୟମ, ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମାର୍ଗ ପ୍ରଶସ୍ତ କରୁଛି ବୋଲି ଶ୍ରୀ ମାଝୀ କହିଛନ୍ତି।

# ନର୍ସ ଦିବସ

ରୋଗୀସେବା ଲାଗି ନର୍ସମାନଙ୍କର କଠିନ ପରିଶ୍ରମ, ସମର୍ପଣ ଭାବକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି । ଆଧୁନିକ  ନର୍ସିଂ ସେବା ଆରମ୍ଭ କରିଥିବା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ୧୯୬୫ ମସିହାରୁ ମଇ ମାସ ୧୨ ତାରିଖକୁ ନର୍ସ ବା ସେବିକା ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ ସେବିକା ଦିବସର ବାର୍ତ୍ତା ରହିଛି 'ଆମ ନର୍ସ, ଆମ ଭବିଷ୍ୟତ: ନର୍ସଙ୍କୁ ସଶକ୍ତ କରିବା, ଜୀବନ ବଞ୍ଚାଇବା'। ନର୍ସମାନଙ୍କର ଅଧିକାର ଓ ସଂଘର୍ଷ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ସମୀକ୍ଷା ବୈଠକ

ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ସ୍ୱାସ୍ଥ୍ୟବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତ୍‌ଥି ଏସ୍‌ଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଭିନ୍ନ ଜିଲ୍ଲାର ସ୍ୱାସ୍ଥ୍ୟସେବା, ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଡାକ୍ତର ଓ ପାରା ମେଡିକାଲ କର୍ମଚାରୀଙ୍କ ଉପସ୍ଥିତି, ଔଷଧ ଉପଲବ୍ଧତା ଓ ହସ୍‌ପିଟାଲ ଭିତ୍ତିଭୂମି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

## ସମୀକ୍ଷା

**ନୟାଗଡ଼** ଜିଲ୍ଲା ଖଣ୍ଡପଡା ବ୍ଲକ୍ ଅଧୀନ ବନମାଳୀପୁରଠାରେ ନିର୍ମାଣାଧୀନ ବୃହତ୍ ପାନୀୟ ଜଳ ପ୍ରକଳ୍ପ ସ୍ଥିତି ନେଇ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ସମୀକ୍ଷା କରିଛନ୍ତି। ପ୍ରକଳ୍ପର ବିଭିନ୍ନ ବୈଷୟିକ ଦିଗ ଏବଂ କାର୍ଯ୍ୟ ସମ୍ପର୍କରେ ଅଧିକାରୀମାନଙ୍କ ସହ ଶ୍ରୀ ସ୍ୱାଇଁ ଆଲୋଚନା କରିଛନ୍ତି।

## ଆଇନ୍ ସଚେତନତା

**ନୟାଗଡ଼** ଜିଲ୍ଲା ବେବର୍ତ୍ତପଲ୍ଲୀ କଲ୍ୟାଣମଣ୍ଡପଠାରେ  ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦେୟମୁକ୍ତ ଆଇନ୍ ସହାୟତା ନମ୍ବର ୧୫୧୦୦ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଘରୋଇ ହିଂସା, ମହିଳା ସୁରକ୍ଷା, ଶିଶୁ ଅଧିକାର ଏବଂ ସାଇବର ଅପରାଧ ଆଦି ଆଇନ୍ ସଂକ୍ରାନ୍ତୀୟ ପରାମର୍ଶ ପାଇଁ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ପରାମର୍ଶ ଦେଇଛନ୍ତି।

## ଆଇନ୍ ସଚେତନତା

**ନୂଆପଡା** ଜିଲ୍ଲା ଖଡିଆଳ ବ୍ଲକ୍‌ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନ ସଦସ୍ୟା ମୁକ୍ତା ସହୁଭୋଗ ଯୋଗଦେଇ ମହିଳାମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରିଥିଲେ ।

## ସମୀକ୍ଷା ବୈଠକ

**କେନ୍ଦ୍ରାପଡା** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଅଧ୍ୟକ୍ଷତା କରି  ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ସମସ୍ୟା ଏବଂ ସମାଧାନ ସଂକ୍ରାନ୍ତରେ ଆଲୋଚନା କରିଥିଲେ ।

## ରାଜ୍ୟ ଗୋଷ୍ଠୀ କ୍ରୀଡା

ଗୁଜରାଟର ଅହମ୍ମଦାବାଦରେ ଆୟୋଜିତ ହେବାକୁ ଥିବା ରାଜ୍ୟ ଗୋଷ୍ଠୀ କ୍ରୀଡା ୨୦୩୦ ପୂର୍ବରୁ ଭାରତୀୟ କ୍ରୀଡା ପ୍ରାଧୀକରଣ-ଏସ୍‌ଏଆଇ ପକ୍ଷରୁ ଦେଶବ୍ୟାପୀ ଜନସଂପୃକ୍ତି ଅଭିଯାନ ଆରମ୍ଭ ହୋଇଛି । ଖେଳୁଆଡ ମନୋଭାବ, ସୃଜନଶୀଳତା ଏବଂ ଯୁବ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ନିଆଯାଇଛି । ଅଭିଯାନର ଅଂଶସ୍ୱରୂପ ଅଂଶଗ୍ରହଣକାରୀମାନେ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୩୦ ମଶାଲ ଡିଜାଇନ୍ ପ୍ରତିଯୋଗିତା, ସିଡବ୍ଲ୍ୟୁଜି ରିଲ ଚାଲେଞ୍ଜ ଏବଂ କୁଇଜ୍‌ରେ ଅଂଶଗ୍ରହଣ କରିପାରିବେ । ପ୍ରତିଯୋଗିତା ପାଇଁ 'ମାଇ ଭାରତ'ପୋର୍ଟାଲ ଉପଭୋକ୍ତାଙ୍କ ପାଇଁ ଖୋଲା ରହିଛି । ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ, ସୃଜନଶୀଳତା ଓ

ଜାତୀୟ ଗୌରବର ଭାବନା ସୃଷ୍ଟି କରି ରାଜ୍ୟ ଗୋଷ୍ଠୀ କ୍ରୀଡାର ସଫଳ ଆୟୋଜନ ପାଇଁ ସାମୂହିକ ଉତ୍ସାହକୁ ପ୍ରୋତ୍ସାହିତ କରିବା ଏହି ତିନୋଟି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଆସନ୍ତା ୪୮ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି ।

ଟିଟିଲାଗଡରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍ ଏବଂ ପାରାଦୀପରେ ୩୩ ଦଶମିକ ୨ ଡିଗ୍ରୀ ସେଲସିୟସ୍ ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ଚଳିତ ସପ୍ତାହ ଶେଷଆଡକୁ ଦକ୍ଷିଣ-ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କେତେକ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୀ ଅଗ୍ରସର ହେବା ନେଇ ପାଗ ଅନୁକୂଳ ଥିବା ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।